# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**8 January - 2025**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଜନତା ମୈଦାନରେ ଆଜିଠାରୁ ଆରମ୍ଭ ହେଲା ତ୍ରିଦିବସୀୟ ପ୍ରବାସୀ ଭାରତୀୟ ସମ୍ମିଳନୀ

— ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ପଥରେ ଅଗ୍ରସର ହେଉଛି; କହିଲେ, ବୈଦେଶିକ ବ୍ୟାପାର ମନ୍ତ୍ରୀ

— ସମ୍ମିଳନୀରେ ଯୋଗଦେବା ପାଇଁ ଆଜି ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ

- ବିଷମକଟକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟକୁ ଉଦ୍‌ଘାଟନ କଲେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜି ଟିମ୍ ଗୋନାସିକା-ତାମିଲନାଡୁ ଡ୍ରାଗନ୍ସ ଏବଂ ୟୁପି ରୁଦ୍ରାଶ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍

# ପ୍ରବାସୀ ଭାରତୀୟ ସମ୍ମିଳନୀ

ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀ ଆଜି ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସମ୍ମିଳନୀକୁ ଶୁଭାରମ୍ଭ କରିଛନ୍ତି। ସମ୍ମିଳନୀର ପ୍ରାରମ୍ଭରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପ୍ରତ୍ୟେକ ପ୍ରବାସୀ ଜଣେ ଦେଶର ସାଂସ୍କୃତିକ ରାଷ୍ଟ୍ରଦୂତ।

ବିକଶିତ ଭାରତରେ ପ୍ରବାସୀ ଭାରତୀୟଙ୍କର ଅନେକ ଅମୂଲ୍ୟ ଅବଦାନ ରହିଛି। ବିକଶିତ ଭାରତ ଗଠନ ଦିଗରେ ସମସ୍ତେ ଏକାଠି ହୋଇ କାମ କରିବା ସହ ସଶକ୍ତ ହେବା ଦିଗରେ ଯତ୍ନବାନ୍ ହେବାପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଶାନ୍ତିସ୍ତୂପ ଧଉଳି, ଚିଲିକା, ପୁରୀ, କୋଣାର୍କ ଭଳି ପର୍ଯ୍ୟଟନସ୍ଥଳି ବୁଲିବା ସହ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ସ୍ୱତନ୍ତ୍ରତାର ଭରପୂର ପ୍ରାଚୁର୍ଯ୍ୟକୁ ଉପଭୋଗ କରିବା ପାଇଁ ଅତିଥିମାନଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି।

**- V/O - (CM)**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଅଭିଭାଷଣର ଆରମ୍ଭରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକଶିତ ପଥରେ ଅଗ୍ରସର ହେଉଛି।

ଏକ ଆଧୁନିକ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ  ଭାରତ ଆଗେଇ ଚାଲିଛି । ଯୁବସମାଜ ଆଗ ଧାଡିରେ ରହି ଦେଶର ନେତୃତ୍ୱ ନେବେ । ଭାରତ ବର୍ତ୍ତମାନ ଅମୃତକାଳରେ ପ୍ରବେଶ କରିଛି ଏଥିରେ ଯୁବବର୍ଗଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି  ମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି । କୋଭିଡ୍ ସମୟରେ ଭାରତ ନିଜସ୍ୱ ଟିକା ପ୍ରସ୍ତୁତ ସହ ଚନ୍ଦ୍ରଯାନ-୩, ଗଗନଯାନ ମିଶନ ପରି ସଫଳତା ହାସଲ କରିଛି ।

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭୀୟ ତାଙ୍କ ଅଭିଭାଷଣରେ  କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିରେ ଯୁବବର୍ଗଙ୍କ ଭାଗିଦାରି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ହିତ ପାଇଁ ଯୁବବର୍ଗଙ୍କୁ ଯୋଗଦାନ କରିବାକୁ ଶ୍ରୀ ମାଣ୍ଡଭୀୟ ଆହ୍ୱାନ ଦେବା ସହିତ ଆଗାମୀ ଦିନରେ ୧ ଲକ୍ଷ ଯୁବ ନେତୃତ୍ୱ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି ।

## - V/O -

ପ୍ରବାସୀ ଭାରତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସରେ ମୁଖ୍ୟଅତିଥିଭାବେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଥିମ୍ ପାଭିଲିୟନକୁ ଉଦଘାଟନ କରିବା ସହିତ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବା ପାଇଁ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ।  ସମ୍ମିଳନୀରେ

ଯୋଗ ଦେବାପାଇଁ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭୁବନେଶ୍ୱରରେ ପହଞ୍ଚିବେ।

ଅପରାହ୍ନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟମାନଙ୍କ ସହ ବିକଶିତ ଭାରତ-୨୦୪୭ ସମ୍ବନ୍ଧରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତିନିଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେବା ସହିତ କେତେଜଣ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରିବେ।

ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ଯୋଗ ଦେଇଛନ୍ତି। ପୂର୍ବାହ୍ଣରେ ଆରମ୍ଭ ହୋଇଥିବା ସମ୍ମିଳନୀରେ କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା, କେନ୍ଦ୍ରୀୟ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେଙ୍କ ଉପସ୍ଥିତିରେ ସମ୍ମିଳନୀ ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା ନ୍ୟୁଜ ୱିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ଦେବ ପ୍ରଗଡ ସମ୍ମାନୀତ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ପୂର୍ବାହ୍ଣର ଅଧିବେଶନରେ ମୁଖ୍ୟତଃ ଜଗତୀକରଣ-କାଳଖଣ୍ଡର ଯୁବନେତୃତ୍ୱ ସମ୍ବନ୍ଧରେ ଆଲୋଚନା ହେବା ସହିତ ଓଡ଼ିଶା ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ଅଧିବେଶନରେ 'ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଆଜିର ଅଧିବେଶନରେ ରାଜ୍ୟ

ସରକାରଙ୍କ ପକ୍ଷରୁ 'ଓଡ଼ିଶା ଏକ ପର୍ଯ୍ୟାପ୍ତ ସୁଯୋଗର ଗନ୍ତାଘର' ଏବଂ ଦେଶର ଲୁକ୍‌କାୟିତ  ପ୍ରତିଭା ସମ୍ପର୍କରେ ଆଲୋଚନା ହେବ।

## ଦୌରାଜଜ୍ କୋର୍ଟ ଉଦ୍‌ଘାଟନ

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ **ରାୟଗଡ଼ା** ଜିଲ୍ଲା ବିଷମକଟକଠାରେ ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟକୁ ଆଭାସୀ ମାଧ୍ୟମରେ  ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଚାରପତି ଜଷ୍ଟିସ୍ ଏ.କେ.ମହାପାତ୍ର, ରାୟଗଡ଼ା ଜିଲ୍ଲାପାଳ ପାରୁଲ୍ ପଟୱାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରମୁଖ  ଉପସ୍ଥିତ ଥିଲେ।

## ବରଗଡ ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଷଷ୍ଠ ଦିବସରେ ଆଜି ପ୍ରଶାସନିକ ଅଧିକାରୀଙ୍କ ସହ କଂସ ମହାରାଜଙ୍କ ଜନତା ଦରବାର, ଶଙ୍ଖଚୂଡଙ୍କୁ ଗୋପପୁର ପ୍ରେରଣ, ଗୋପପୁରରେ ଗୋପୀଙ୍କ ଦଧି ବିକା ଓ ବସ୍ତ୍ରହରଣ ଆଦି ଦୃଶ୍ୟ ଅଭିନୀତ ହେବ। ଗତକାଲି ପଞ୍ଚମ ଦିନରେ ମହାରାଜ କଂସ ହାତୀପିଠିରେ ବସି ନଗର ଭ୍ରମଣ କରିଥିଲେ।

ପୌରାଣିକ କଥାବସ୍ତୁର ପ୍ରତ୍ୟେକ ଚରିତ୍ର ଜୀବନ୍ତ  ଭୂମିକାରେ ଅଭିନୟ କରି ଲୋକଙ୍କୁ ଦ୍ୱାପର ଯୁଗକୁ ଫେରାଇ ନେବା ପାଇଁ ଏହି ବରଗଡ଼ ଧନୁଯାତ୍ରା ଗତ ୭୭ବର୍ଷ ଧରି ଆୟୋଜନ କରାଯାଉଛି । ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ଶ୍ରୀବଳଦେବଜୀଉ ମନ୍ଦିର ଉନ୍ନତି

**କେନ୍ଦ୍ରାପଡ଼ା** ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟର ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଦଳ ସମୀକ୍ଷା କରିଛନ୍ତି। ମନ୍ଦିର ମଧ୍ୟରେ ସିନ୍ଦୁକ ରଖିବା ସ୍ଥାନ, ମନ୍ଦିର ପାଚେରୀକୁ ଲାଗିଥିବା ଉଦ୍ୟାନ, ଚନ୍ଦନ ପୋଖରୀର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମୀକ୍ଷା ଭିତ୍ତିକ ଆଧାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଇନ୍‌ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରାଯିବା ପରେ ମନ୍ଦିର ଉନ୍ନତି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଉଦ୍ଧାର କରି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଡାକଟିକଟ ପ୍ରଦର୍ଶନୀ

**ନୟାଗଡ଼**ଠାରେ ଡାକବିଭାଗ ପକ୍ଷରୁ ପ୍ରଥମ ଜିଲ୍ଲାସ୍ତରୀୟ ଡାକଟିକଟ ପ୍ରଦର୍ଶନୀ 'ନୟାଗଡ଼ ପେକ୍ସ-୨୦୨୫', ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରେକ୍ଷାଳୟରେ ଆୟୋଜିତ ପ୍ରଦର୍ଶନୀରେ ୧୦୦ରୁ ଊର୍ଦ୍ଧ୍ୱ ଫ୍ରେମ୍ ମାଧ୍ୟମରେ ଉଭୟ ଭାରତୀୟ ଏବଂ ବିଦେଶୀ ଡାକଟିକଟ, ବିରଳ ଡାକଟିକଟ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକରୁ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଡାକମଣ୍ଡଳ ପକ୍ଷରୁ ଚିତ୍ରାଙ୍କନ, ସାଧାରଣଜ୍ଞାନ, ପ୍ରବନ୍ଧ ଲିଖନ  ପ୍ରତିଯୋଗିତା ଆୟୋଜନ ସହ ୧୬ଜଣ ଆମନ୍ତ୍ରିତ ସଂଗ୍ରାହକ ସେମାନଙ୍କର ୬୨ଟି ଡାକଟିକଟ ଫ୍ରେମ୍ ପ୍ରଦର୍ଶନ କରିଛନ୍ତି।

## ଆଲୋଚନାଚକ୍ର

**ସୁବର୍ଣ୍ଣପୁର** ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ର ତୃତୀୟ ଦିବସରେ ଆଜି ସଂସ୍କୃତି ଓ ସାମାଜିକ ପ୍ରଗତି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଗ୍ରନ୍ଥାଗାର ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତା ଓ ଗବେଷକମାନେ ସଭ୍ୟତା ଓ ସାମାଜିକ ପ୍ରଗତିକୁ ସଂସ୍କୃତି ଆଗେଇ ନେଇଥାଏ ବୋଲି କହିଛନ୍ତି ।

## ନାଗରିକ ମହାସଂଘ

**ଭଦ୍ରକ** ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ପଞ୍ଚମ ବାର୍ଷିକ ସମାରୋହ ପାଳନ ଅବସରରେ ଭଦ୍ରକ ନୁଆବଜାର୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାର ୭ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସମାରୋହରେ ଜିଲ୍ଲାରେ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

## ଘୋଡାହାଡ ଡ୍ୟାମ୍

**ଗଞ୍ଜାମ** ଜିଲ୍ଲାର ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଖମାରି ଗାଁ ନିକଟସ୍ଥ ଘୋଡାହାଡ ଡ୍ୟାମ୍‌ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି । ଘୋଡାହାଡ଼ ଜଳଭଣ୍ଡାରକୁ ୧୦ଟି ଭାଗରେ ବିଭକ୍ତ କରାଯାଇ କୁମ୍ଭୀର ଗଣନା କରାଯାଉଛି । ଗଣନାକାର୍ଯରେ ୬ଟି ଦଳ ନିୟୋଜିତ କରାଯାଇଛି । ବନବିଭାଗର ସୂଚନା ଅନୁସାରେ,

ଘୋଡାହାଡ ଡ୍ୟାମ୍‌ରେ ୨୦୨୨ ମସିହାରେ କୁମ୍ଭୀରଙ୍କ ସଂଖ୍ୟା ୭୬ଟି ଥିବାବେଳେ ୨୦୨୪ ମସିହାରେ ଏହାର ସଂଖ୍ୟା ୮୪ରେ ପହଞ୍ଚିଥିଲା ।

## ଭାରୋତ୍ତଳନ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ଭାରୋତ୍ତଳନ ସଂଗଠନ ପକ୍ଷରୁ ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତଳନ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସଂଗଠନର ସୂଚନା ଅନୁସାରେ ଦେଶର ୨୬ଟି ରାଜ୍ୟର ୪୦୦ ରୁ ଅଧିକ ମହିଳା ପ୍ରତିଯୋଗୀ ଏଥିରେ ଭାଗ ନେବେ । ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଖେଳାଳି ମାନେ ପ୍ରତିଯୋଗିତାରେ ଭାଗ ନେବେ ବୋଲି ରାଜ୍ୟ ଭାରୋତ୍ତଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି ।

# ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆଜି ଦୁଇଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚରେ ଟିମ୍ ଗୋନାସିକା-ତାମିଲନାଡୁ ଡ୍ରାଗନ୍ସ ଏବଂ ଦ୍ୱିତୀୟ ମ୍ୟାଚରେ ୟୁପି ରୁଦ୍ରସ୍ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମୁକାବିଲା ହେବ । ଗତକାଲି ଖେଳାଯାଇଥିବା ମ୍ୟାଚରେ ଘରୋଇ ଦଳ କଳିଙ୍ଗ ଲାନସର୍ସ ୬-୦ଗୋଲରେ ବେଙ୍ଗଲ ଟାଇଗର୍ସ ହରାଇ ଦେଇଛି । ଘରୋଇ ଦଳ ପ୍ରଥମ ୬ମିନିଟ୍‌ରେ ତିନୋଟି ଗୋଲ ଦେଇ ବିଜୟଧାରାକୁ ଆଗେଇ ନେଇଥିଲା ।

********************************